# OFFICE OF THE TAHASILDAR, KISHNNAGAR

Notice for Revocation/Cancellation of the auction

**No. 595 Dt. 23.02.2023**

It is hereby informed to the general public and 8 nos. of bidder participated for lease are hereby informed that due to technical reasons ,the auction made vide Notification No446 Dt.13.02.2023 of this office is hereby cancelled as it is not in accordance to the norm prescribe by the Steel & Mines Department. Govt. of Odisha vide Extraordinary Gazette Notification No 623 dt.31.03.2022.In our notification solvency of the bidder was insisted which has under gone changes vide Notification No12160/R&DM dated 19.04.2022 as stated above, where income Tax Return of previous financial year/Bank guarantee is substituted which aspect was not insisted due to clerical mistake/accidental slip . The same had been brought to our notice by one Authorization person Sri Sasikanta Lenka of the bidder Smt Aruna Dhala at the time of opening of tender. In the factual matrix the earlier notification No 446 dt13.02.2023 issued by this office is hereby revoked/cancelled and fresh notification for tender shall be issued, where the earlier birder and others are competent to participate. The bidders shall be refunded with the Demand Draft submitted by them.

The inconvenience caused is deeply regretted.

23/2/23

**Tahasildar Kishannagar**

**Memo No. 596 (8)/Dt. 23.02.2023**

Copy to bidder concerned for kind information.

23/2/23

**Tahasildar Kishannagar**

Scanned with CamScanner

# ତହସିଲ କାର୍ଯ୍ୟାଳୟ, କିଶନନଗର

ପତ୍ର ସଂଖ୍ୟା : - 671 ତାରିଖ : - 28.02.2023

## ଲଘୁ ଖଣିଜ ଲିଜ ନିମନ୍ତେ ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, କଟକ ଜିଲ୍ଲା ଅନ୍ତର୍ଗତ କିଶନନଗର ତହସିଲ ଅଧୀନରେ ଥିବା କୁରୁଳି ଏକ ଗୋଟି ସୈରାତ ଉତ୍ସର ଆଗାମୀ ପାଞ୍ଚ ବର୍ଷ ନିମନ୍ତେ (୨୦୨୨-୨୩ ଠାରୁ ୨୦୨୬-୨୭) ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରା ଯାଇଅଛି । ସୈରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ କଟକ ଜିଲ୍ଲା ୱେବ ସାଇଟ http:cuttack.nic.in ରେ ଉପଲବ୍ଧ ହେବ । ବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ, କିଶନନଗର ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରି ପାରିବେ ।

ସ୍ୱା /-

ତହସିଲଦାର, କିଶନନଗର

Scanned with CamScanner

# ତହସିଲଦାରଙ୍କ କାର୍ଯ୍ୟାଳୟ, କିଶନନଗର

ପତ୍ର ସଂଖ୍ୟା: - ୬୫୨ତାରିଖ: - 01.03.2023

## ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କିଶନନଗର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସଇରାତ ଉତ୍ସ ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୨୦୨୬-୨୦୨୭ ବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଗ୍ରହଣ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule- 2016 FORM- M ପୂରଣ କରି ତିନି କପି ସହ ନିମ୍ନଲିଖିତ ଅବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ registered Post / Speed Post ଜରିଆରେ ତହସିଲଦାର କିଶନନଗରଙ୍କ ଠିକଣାରେ ଆସନ୍ତା ତା- ୨୧.୦୩.୨୦୨୩ରିଖ ୨ ଘଟିକା ମଧ୍ୟରେ ଦରଖାସ୍ତ କରିପାରିବେ କିମ୍ବା ଦରଖାସ୍ତକାରୀ ସିଧାସଳଖ ( ଛୁଟି ଦିନ ବ୍ୟତୀତ ) ତହସିଲଦାର ଜଉମୁଦ ଦିଆଯାଇଥିବା ଟେଣ୍ଡର ବାକ୍ସରେ ଜଉମୁଦ ଲଫାପା ପକାଇ ପାରିବେ । ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସଇରାତ କେସର କ୍ରମିକ ସଂଖ୍ୟା ଲେଖା ଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ଅପରାହ୍ନ ୨ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନୀଲମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ କଟକଙ୍କ ଅଧିକାର ରହିଅଛି । ତା- ୨୧.୦୩.୨୦୨୩ରିଖ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ହୋଇନପାରେ ତେବେ ତା – ୨୭.୦୩.୨୦୨୩ରିଖ ଅପରାହ୍ନ ୨ ଘଟିକ ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / ଟେଣ୍ଡର ବାକ୍ସ ମାଧମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ସେହିପରି ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇପାରେ ତେବେ ତା- ୩୧.୦୩.୨୦୨୩ରିଖ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / ଟେଣ୍ଡର ବାକ୍ସ ମାଧମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡକା ନିଲାମ ନିମନ୍ତେ ତନଖି କରାଯିବ । ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନ ( ବାଲି ସଇରାତ ଉତ୍ସ ) ର ବିସ୍ତୁତି ବିବରଣୀ ।

| କ୍ରମିକ ନଂ | ସଇରାତ କେସ ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା | କିସମ | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ପଦାର୍ଥ ର ପରିଣାମ (MGQ)(ଘନ ମିଟର) | ଲଘୁ ଖଣିଜ ପଦାର୍ଥ ର ଧାର୍ଯ୍ୟ royalty | ଧାର୍ଯ୍ୟ ଅତିରିକ୍ତ ଦୟେ ଘ. ମି ପ୍ରତି(Addl.charges per cubic) |
|---|---|---|---|---|---|---|---|---|---|---|
| ୧ | ୨୩/୨୨-୨୩ | କୁରୁଳି ନଦୀ ବାଲି ଉତ୍ସ | କୁରୁଳି | ୪୫୧ | ୧୦୦୪ | ଏ ୧୨. ୧୦ | ନଦୀ | ୧୫୦୦୦cum | ଟ.୩୫.୦୦ | ଟ.୧୦୫.୦୦ |

ସ୍ୱା/-

ତହସିଲଦାର, କିଶନନଗର

Scanned with CamScanner

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ ଓ ସର୍ତ୍ତାବଳୀ ।

୧. ଦରଖାସ୍ତ ପାଉଣା ବାବଦ ଟ. ୧୦୦୦.୦୦ ( ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ( ଫେରସ୍ତ ଦିଆଯିବ ନାହିଁ)। ( Head of Account -0453 Non – Ferrous Mining and Metallurgical Industries – 102 Mineral Concession Fees , Rents & Royalties' )

୨. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ ବିବରଣୀ ଓ ନକ୍ସା ।

୩. ସଇରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧିୟ ସତ୍ୟପାଠ ।

୪. ଆବେଦନକାରି ରୋୟାଲିଟି ( Royalty ) ଓ ଅତିରିକ୍ତ ଦେୟ ( Additional Charges ) ବାବଦକୁ ବାର୍ଷିକ ଶତକଡା ୫% ହାଲରେ ଧାର୍ଯ୍ୟ ହୋଇଥିବା ବାଲିର ପରିମାଣ ଉପରେ ଦେବାକୁଥିବା ଅମାନତରାଶି ( Earnest Money ) ଡିମାଣ୍ଡ ଡ୍ରାଫ୍ଟ ଆକାରରେ ତହସିଲଦାର କିଶନନଗରଙ୍କ ନାମରେ ପଇଠ କରିବେ ।

୫. Income Tax Return of previous financial year (ବିଗତ ଆର୍ଥିକ ବର୍ଷ) ୨୦୨୧-୨୨ କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁଯାୟୀ ଉପୋରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟ ( Additional Charges) ର ମୂଲ୍ୟ ଠାରୁ କମ ହୋଇନଥିବା ଓ ଏଥୀ ସହିତ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।

୬ . ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା , କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧିୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ( ଛୁଟି ଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରେ ଓ ଏହି ସମ୍ବନ୍ଧିୟ ସମ୍ପୂର୍ଣ ବିବରଣୀ ( www.cuttack.nic.In) ରେ ଉପଲବ୍ଧ ହେବ ।

## ସର୍ତ୍ତାବଳୀ

1. ଆବେଦନକାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ) 2016 -OMMC ରୁଲର ପରିସର ଭୁକ୍ତ (2016 - ରହିବେ। ତେଣୁ ଲିଜ ଆବେଦନ ପୂର୍ବରୁ ONNC Rule 2016-କୁ ଭଲଭାବେ ପଢ଼ି ନିଅନ୍ତୁ ।
2. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ ( Additional Charges ) ବାବଦକୁ ସର୍ବୋଛ ମୂଲ୍ୟ ଦରଜ କରିଥିବା ନିଲାମଧାରୀ ଙ୍କ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ଅତିରିକ୍ତ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମ ରେ ଲିଜ ପ୍ରଦାନ ନିମନ୍ତେ କରାଯିବ ।
3. ମାଇନିଙ୍ଗ ପ୍ଲାନ ରେ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀ ଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋକ ଅତିରିକ୍ତ ଦେୟ ( Additional Charges ) ର ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥ ସହିତ ରୟାଲିଟି ( @ Rs 35/cum ) ପଇଠ କରିବେ । ଏଥିସହିତ ଜିଲ୍ଲା ମିନେରାଲ ଫଉଣ୍ଡେସନ ଦେୟ (DMFF) ରୟାଲିଟି ଏବଂ ଅତିରିକ୍ତ ଦେୟ ର 10% ହିସାବରେ environmental Management fund (EMF) @ ୫ % ହିସାବ ରେ ଧାର୍ଯ୍ୟ ସର୍ଫେସ ରେଣ୍ଟ, ଡେଡ ରେଣ୍ଟ ମଧ ପଇଠ କରିବାକୁ ହେବ । ଉପରୋକ୍ତ ସମ୍ପୂର୍ଣ ରାଶି ପଇଠ ହେଲାପରେ ରେଜିଷ୍ଟ୍ରେଶନ ଆକ୍ଟ – ୧୯୦୮ ଓ ଷ୍ଟାମ୍ପ ଆକ୍ଟ – ୧୮୯୯ ଅନୁଯାୟୀ ଚୁକ୍ତିପତ୍ର ( Lease Deed )ସମ୍ପାଦନ କରିବେ ଓ ତତ୍ପରେ ଖାଦାନ ପରିଚାଳନା କରିବେ ।
4. ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ ( Additional Charges ) ମୁଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଧାରିତ ସମୟସିମା ମଧରେ ସମସ୍ତ ଦେୟ ପଇଠ ନକରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ଵିତୀୟ ସର୍ବାଧିକ ଅତିରିକ୍ତ ଦେୟ ( Additional Charges ) ମୁଲ୍ୟାଙ୍କ କରିଥିବା ନିଲାମଧାରୀ ଙ୍କୁ ସୁଯୋଗ ଦିଆଯିବ ।
5. ଯଦି ଦ୍ଵିତୀୟ ସର୍ବାଧିକ ଅତିରିକ୍ତ ଦେୟ ( Additional Charges ) ମୁଲ୍ୟାଙ୍କ କରିଥିବା ଆବେଦନକାରୀ ଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ଅର୍ଥରାଶି ପ୍ରଥମ ସର୍ବାଧିକ ମୁଲ୍ୟାଙ୍କ କରିଥିବା ଆବେଦନକାରୀ ଅର୍ଥରାଶି ଠାରୁ ଅତି କମ ହୋଇଥାଏ ତେବେ ଲିଜ ପ୍ରକ୍ରିୟା କୁ ରଦ୍ଦ କରାଯାଇ Controlling Authority ଙ୍କ ଅବଗତି କ୍ରମେ ନୂତନ ରୂପେ ନିଲାମ କରାଯିବ ।
6. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାର ଙ୍କ ଦ୍ଵାରା ଧାର୍ଯ୍ୟ କରାଯାଇଥିବା Surface Rent, Deed Rent ଓ Royalty ପଇଠ କରିବେ ।
7. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।
8. କୃତକାର୍ଯ୍ୟ ହୋଇଥିବା ଫର୍ମ-F ପାଇବାର ୧୫ ଦିନ ମଧରେ ଧାର୍ଯ୍ୟ interest Free Security Deposit ) OMMC Rule-)୨୭ଧାରା 2016 ୭ ମୁତାବକ ପଇଠ କରିବେ (, ଯାହାକି ଲିଜ ଅବଧି ପୂରଣ ହେବାପରେ ଦିଆଯିବ । ତାଙ୍କୁ ଫେରସ୍ତ ( ଯଦି ନିଲାମଧାରୀ ସମସ୍ତ ସର୍ତ୍ତାବଳୀ ଓ ନିୟମ ଅନୁଯାୟୀ କାର୍ଯ୍ୟ କରିଥାନ୍ତି )
9. ନିଲାମଧାରୀ OMMC Rule- 2016 ର ନିୟମ – 33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।
10. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟ ର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ।
11. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ ଆକାର ରେ ଜମା କରିବେ ନାହିଁ ।
12. ନିଲାମଧାରୀ ଜମା ରୟାଲିଟି ୨% ଆୟକର ବାବଦକୁ Lease Deed ସମ୍ପାଦନ କରିବା ପୂର୍ବରୁ ଟ୍ରେଜେରୀ ଚାଲାଣ ଆକାର ରେ ଜମା କରିବେ ଏବଂ ତାହାର ରସିଦ ଦାଖଲ କରିବେ ।

Scanned with CamScanner

13. ଲିଜଧାରୀ  Mines Act 1952 ଏବଂ Explosive Act – 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ ।

14. ଲିଜଧାରୀ ରାଜ୍ୟ  ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଙ୍କ ପାଖରୁ Consent to establish & Consent to Operate  ନିଜ ଖର୍ଚ୍ଚ ରେ ଲିଜ ଅଗ୍ରିମେଣ୍ଟ  ପୂର୍ବରୁ ଦାଖଲ କରିବେ ।

15. ଲିଜ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି  ବିଶେଷ  ଉକ୍ତ ଘାଟ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ  ଖଣିଜଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କ ରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଅବଶ୍ୟକ। ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ହେବ ନାହିଁ  , ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ  ।

16. ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ନିଲାମଧାରୀ ପଇଠ କରିବେ  ।

17. ନିଲାମଧାରୀ ଙ୍କୁ  ( Successful Bidder ) Lease Deed ସମ୍ପାଦନ କରିବା ପୂର୍ବରୁ Mining Plan ଓ Environment Clearance ପ୍ରସ୍ତୁତି ବାବଦ ସମସ୍ତ ଖର୍ଚ୍ଚ  Competent Authority  ( ତହସିଲଦାର ) ଙ୍କ କାର୍ଯ୍ୟାଳୟ ରେ ଦାଖଲ କରିବାକୁ ହେବ  ।

18. ଯଦି ନିଲାମଧାରୀ ନିର୍ଦ୍ଧାରିତ ଲିଜ ଅବଧି ମଧ୍ୟରେ  ଲିଜ ବାବଦକୁ ଥିବା ଦେୟ ଦେବାରେ ଖିଲାପ କରନ୍ତି ସେ ବାବଦକୁ ବାର୍ଷିକ ୨୪% ( Simple interest  rate ) ହାରରେ  ତାଙ୍କ ପାଖରୁ ଆଦାୟ କରାଯିବ  ।

ସ୍ୱା/- (signature) ୦୧/୦୩/୨୩
**ତହସିଲଦାର, କିଶନନଗର**

ପରିପତ୍ର ସଂଖ୍ୟା.  ୬୫୩  /ତା.  01.03.2023

ଏହାର ଏକକିତା ନକଲ ଜିଲ୍ଲାପାଳ କଟକ / ଉପ-ଜିଲ୍ଲାପାଳ,ସଦର କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ସ୍ୱା/- (signature) ୦୧/୦୩/୨୩
**ତହସିଲଦାର, କିଶନନଗର**

ପରିପତ୍ର ସଂଖ୍ୟା.  ୬୫୪  /ତା.  01.03.2023

ଏହାର ଏକକିତା ନକଲ DIO, NIC, Cuttack ଙ୍କ ଅବଗତି ତଥା କଟକ ଜିଲ୍ଲା website ରେ ଉପଲବ୍ଧ କରିବା ନିମନ୍ତେ  ଏବଂ DIPRO, Collectorate, Cuttack ଙ୍କ ଅବଗତି ତଥା ଦୈନିକ ଓଡିଆ ଖବରକାଗଜ ରେ ବିଜ୍ଞାପନ ନିମନ୍ତେ ପ୍ରେରଣ କରାଗଲା।

ସ୍ୱା/- (signature) ୦୧/୦୩/୨୩
**ତହସିଲଦାର, କିଶନନଗର**

ପରିପତ୍ର ସଂଖ୍ୟା.  ୬୫୫  /ତା.  01.03.2023

ଏହାର ନକଲ କିଶନନଗର ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏବଂ ସମ୍ପୃକ୍ତ ଗ୍ରାମ ସଇରାତ ସ୍ଥଳ ରେ ଜନସାଧାରଣ ଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା।

ସ୍ୱା/- (signature) ୦୧/୦୩/୨୩
**ତହସିଲଦାର, କିଶନନଗର**

Scanned with CamScanner